# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



ସଦାପ୍ରଭୁ ପରମେଶ୍ୱର ଯୋଶେଫ, ଏକ କ୍ରୀତଦାସକୁ ଉପରକୁ ଉଠାଇଲେ ।

ଲେଖକ: Edward Hughes

ଦୃଷ୍ଟାନ୍ତ: M. Maillot; Lazarus

ଉପଯୋଜକ: M. Maillot; Sarah S; Alastair P.

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children

www.M1914.org

©2021 Bible for Children, Inc.

ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ
ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଯୋଶେଫ୍ ଭୁଲ ଭାବରେ ନିଜର ପୂର୍ବତନ ମାଲିକଙ୍କ ଦ୍ୱାରା କାରାଗାରରେ ନିକ୍ଷେପ କରାଯାଇଥିଲେ । କାରାଗାରରେ ଯୋଶେଫ୍ ବାଧ୍ୟତା ଓ ପରୋପକରୀ ଥିଲେ । କାରା ରକ୍ଷକ କାରାଗାରରେ ଲୋକଙ୍କ ଜୀବନ ସଜାଡ଼ିବାକୁ ଯୋଶେଫଙ୍କ ଉପରେ ଭରଷା କଲେ । କାରଣ ପରମେଶ୍ୱର ଯୋଶେଫଙ୍କ ସହିତରେ ଥିଲେ, କାରାଗାର ସମସ୍ତଙ୍କ ନିମନ୍ତେ ଏକ ଉତ୍ତମ ସ୍ଥାନ ହୋଇଗଲା ।



ରାଜାଙ୍କର ପାନପାତ୍ର ବାହକ ଓ ସୁଫକାର ଦୁହେଁ କାରାଗାରରେ ଥିଲେ । ତୁମ୍ଭେ କହିଁକି ଦୁଃଖିତ ଅଟ ଯୋଶେଫ୍ ଦିନେ ସେମାନଙ୍କୁ ପଚାରଲେ । କେହି ଜଣେହେଲେ ମଧ୍ୟ ଆମ୍ଭ ସ୍ୱପ୍ନର ଉତ୍ତର କହି ପାରୁନାହାନ୍ତି, ସେହି ଭୟଭିତ ଲୋକ କହିଲେ ।



ପରମେଶ୍ୱର କହିପାରନ୍ତି, ଯୋଶେଫ୍ କହିଲେ ।

ମୋତେ ତୁମ ସ୍ୱପ୍ନଗୁଡ଼ିକ କୁହ ।



ତୁମ୍ଭ ସ୍ୱପ୍ନର ଉତ୍ତର ଅନୁଷାରେ ତୁମ୍ଭେ ଫାରୋଙ୍କର ଅନୁଗ୍ରହ ପ୍ରାପ୍ତ ହେବ ଓ ତିନିଦିନ ମଧ୍ୟରେ ନିଜକାର୍ଯ୍ୟରେ ପୁଣିଥରେ ନିଯୁକ୍ତି ପାଇବ, ଯୋଶେଫ୍ ପାନପାତ୍ର ବାହକଙ୍କୁ କହିଲେ ।



ମୋତେ ମନେକରି ଏହି ସ୍ଥାନରୁ ମୁକ୍ତ କରିବାକୁ ଫାରୋଙ୍କୁ ଅନରୋଧ କର । ସୁପକାରର ସ୍ୱପ୍ନରେ ଦୁଃସଂବାଦ ଥିଲା । ତୁମେ ତିନିଦିନ ମଧ୍ୟରେ ମରିଯିବ, ଯୋଶେଫ୍ ତାହାଙ୍କୁ କହିଲେ । ଦୁଇଟିଯାକ ସ୍ୱପ୍ନର ଉତ୍ତର ସତ୍ୟ ହୋଇଗଲା ।



କିନ୍ତୁ ସେହି ପାନପାତ୍ରବାହକ ସବୁକିଛି ପାଶୋରିଗଲେ ସେ ପର୍ଯ୍ୟନ୍ତ ଯେବେ ଫାରୋ ନିଜେ ଏକ ସକାଳେ ଅଶାନ୍ତ ଭାବରେ ଉଠିଲେ । ମୁ ଏକ ସ୍ୱପ୍ନ ଦେଖିଲି, ସେ କହିଲେ । ତାଙ୍କ ଦେଶର ପଣ୍ଡିତ ଓ ମନ୍ତ୍ରଙ୍କ କେହିମଧ୍ୟ ସ୍ୱପ୍ନର ଉତ୍ତର କରି ପାରିଲେ ନାହିଁ ।





ସେହି ସମୟରେ ପାନପାତ୍ର ବାହକ କାରାଗାରରେ ଥିବା ଯୋଶେଫଙ୍କୁ ମନେ ପକାଇଲେ । ସେ ଫାରୋଙ୍କୁ ତାଙ୍କ ବିଷୟରେ କହିଲେ ।

ସଂଙ୍ଗେ ସଂଙ୍ଗେ ଫାରୋ ଯୋଶେଫଙ୍କୁ ବାହାରକୁ ଆଣିବାକୁ
ପଠାଇଲେ । ତୁମ୍ଭର ସ୍ୱପ୍ନ ପରମେଶ୍ୱରଙ୍କଠାରୁ ଏକ ବାଣୀ ଅଟେ, ଯୋଶେଫ୍
ଫାରୋଙ୍କୁ କହିଲେ । ମିଶର ଦେଶରେ ଆସନ୍ତା ସାତ ବର୍ଷ ଅନେକ ପରିମାଣରେ
ଫସଲ ହେବ, ତା ପରେ ଆସିବା ସାତ ବର୍ଷ ଭୟଙ୍କର ଦୁର୍ଭିକ୍ଷ ହେବ ।



ପ୍ରଥମେ ଆସିବା ଉତ୍ତମ ସାତ ବର୍ଷର
ଫସଲକୁ ସଂଗ୍ରହ କରି ରଖିବାକୁ ଯୋଜନା
କରନ୍ତୁ, ଯୋଶେଫ୍ ଫାରୋଙ୍କୁ ଅନୁଯୋଗ
କଲେ, ତା ନହେଲେ
ଦୁର୍ଭୀକ୍ଷ ହେତୁ ଲୋକମାନେ
ଅନାହାରରେ ମୃତୁବରଣ
କରିବେ । ପରମେଶ୍ୱର
ତୁମ୍ଭ ସହିତ ଅଟନ୍ତି,
ଫାରୋ କହିଲେ । ତୁମ୍ଭେ
ସମସ୍ତ ମିଶରର ଅଧ୍ୟକ୍ଷ
ହେବ, କେବଳ ମୋହର
ଦ୍ୱୀତୀୟରେ ତୁମ୍ଭେ ରହିବ ।



ଉତ୍ତମ ସାତ ବର୍ଷରେ ଅନେ ଫସଲ ହେଲା, ତା ପରେ ସାତ ବର୍ଷ ମହା ଦୁର୍ଭୀକ୍ଷ । କେବଳ ମିଶର ଛଡ଼ା ସମସ୍ତ ଦେଶରେ ଖାଦ୍ୟର ଅଭାବ ଦେଖାଦେଲା, ଯେଉଁଠାରେ କି ସେମାନେ ବୁଦ୍ଧିମାନର ସହିତ ଖାଦ୍ୟକୁ ସଂଗ୍ରହ କରି ରଖିଥିଲେ । ଯୋଶେଫଙ୍କର ସୁଦୁର ନିଜ ଦେଶରେ, ଯୋଶେଫଙ୍କ ପରିବାର ମଧ୍ୟ ଖାଦ୍ୟର ଅଭାବରେ ଥିଲେ ।



ଖାଦ୍ୟନିମନ୍ତେ ଲୋକମାନେ ସମସ୍ତ ଦେଶ ମାନଙ୍କରୁ ମିଶରକୁ ଖାଦ୍ୟ ସାମଗ୍ରୀ କ୍ରୟ କରିବା ନିମନ୍ତେ ଗଲେ । ନିଶ୍ଚିତ ଭାବରେ ତୁମ୍ଭେମାନେ ମଧ୍ୟ  ମିଶରକୁ ଯିବା ଆବଶ୍ୟକ ।



ଯାକୁବ ନିଜର ସନ୍ତାନ ମାନଙ୍କୁ ଆଜ୍ଞା ଦେଲେ, ତା ନହେଲେ ଆମ୍ଭେ ସମସ୍ତେ ଖାଦ୍ୟାଭାବରେ ମୃତୁବରଣ କରିବା । ମିଶରରେ ପହଞ୍ଚିଲା ପରେ ପୁତ୍ରମାନେ ଖାଦ୍ୟ ସାମଗ୍ରୀ କିଣିବାକୁ ପ୍ରସ୍ତୁତ ହେଲେ ।



ଯାକୁବଙ୍କ ପୁତ୍ରମାନେ ସେହି ଦେଶରେ ଥିବା ଅଧିକ୍ଷକଙ୍କ ଆଗରେ ଯାନୁପାତି ପ୍ରଣାମ କଲେ । ସେମାନେ ନିଜ ଭାଇ ଯୋଶେଫଙ୍କୁ ଚିହ୍ନିପାରିଲେ ନାହିଁ । କିନ୍ତୁ ଯୋଶେଫ୍ ସେମାନଙ୍କୁ ଜାଣିଥିଲେ । ଯୋଶେଫ୍ ନିଜର ବାଳକ ସମୟର ସ୍ୱପ୍ନ କଥାକୁ ମନେ ପକାଇଲେ । ପରମେଶ୍ୱର ତାଙ୍କୁ ତାଙ୍କ ଭାଇମାନଙ୍କଠାରୁ ଉର୍ଦ୍ଧ୍ୱକୁ ଉଠାଇ ଅଛନ୍ତି ।



ଯୋଶେଫ୍ ବହୁତ ବୁଦ୍ଧିମାନ୍ ଥିଲେ । ସେ ସେମାନଙ୍କ ସହିତ କଟୁ କଥା
କହିଲେ ଓ ନିଜଭାଇ ସିମିଅନ୍ଙ୍କୁ ସେମାଙ୍କ ଆଗରେ ବାନ୍ଧିପକାଇଲେ ।
ଖାଦ୍ୟ ସାମଗ୍ରୀ ନେଇଯାଅ, ଓ ନିଜର ସାନ ଭାଇଙ୍କୁ
ମୋ କତିକି ଆଣ, ସେ ଆଜ୍ଞା କଲେ । ତେବେଯାଏଁ
ଆମ୍ଭେ ଜାଣିବା ଯେ ତୁମ୍ଭେମାନେ
ଗୁପ୍ତଚର ନୁହଁ ।



ଭାଇମାନେ ଭାବିଲେ, ବୋଧହୁଏ ଅନେକ ବର୍ଷ ଆଗରେ ସେମାନେ ଯୋଶେଫଙ୍କୁ କ୍ରୀତଦାସ ରୂପେ ବିକ୍ରୟ କରିଥିବା ହେତୁରୁ ପରମେଶ୍ୱର ସେମାନଙ୍କୁ ଦଣ୍ଡିତ କରୁଅଛନ୍ତି ।



ଯାକୁବ ଓ ତାଙ୍କ ପୁତ୍ରମାନେ ଦ୍ୱନ୍ଦରେ ପଡ଼ିଲେ । ଆମର ଟଙ୍କା ଖାଦ୍ୟସଶ୍ୟ ସହିତ ଫେରସ୍ତ ଆସିଛି । ଏବଂ ନିଜର ସାନ ଭାଇ ବେଞ୍ଜାମିନ୍‌କୁ ସାଥିରେ ନେବାକୁ ଶାସକ କହିଛନ୍ତି । ଯାକୁବ ବଞ୍ଜାମିନ୍‌କୁ ଯିବାକୁ ମନା କରିଦେଲେ । କିନ୍ତୁ ଅତି ଶିଘ୍ର ଖାଦ୍ୟଶସ୍ୟ ସରିଆସିଲା । ଭାଇମାନେ ଶସ୍ୟ କିଣିବା ନିମନ୍ତେ ମିଶର ଦେଶକୁ ଯିବାକୁ ପଡ଼ିଲା । ବେଞ୍ଜାମିନ୍ ମଧ୍ୟ ସେମାନଙ୍କ ସହିତ ଗଲେ ।



ଯେତେବେଳେ ଯୋଶେଫ୍ ବେଞ୍ଜାମିନ୍‌ଙ୍କୁ ଦେଖିଲେ ସେ ଏକ ମହା ଭୋଜର ଆୟଜନ କରିବା ନିମନ୍ତେ ଆଜ୍ଞା ଦେଲେ । ଭାଇମାନେ ନିମନ୍ତ୍ରୀତ ଥିଲେ । ତୁମ ବାପା କି ଏବେ ବି ବଞ୍ଚିଛନ୍ତି, ସେ କି ଭଲରେ ଅଛନ୍ତି, ଯୋଶେଫ୍ ପଚ଼ାରିଲେ । ହୋଇପାରେ ଯୋଶେଫ୍ ଭାବୁଥିଲେ ସେ କିପରି ଭାବରେ ନିଜର ସମସ୍ତ ପରିବାରଙ୍କୁ ଏକତ୍ର କରିବେ ।



ଯୋଶେଫ୍ ମଧ୍ୟ ଜାଣିବାକୁ ଚାହୁଁଥିଲେ କି ତାଙ୍କ
ଭାଇମାନେ ଅନେକ ବର୍ଷ ଆଗରୁ କରିଥିବା
ପାପ ନିମନ୍ତେ ପଶ୍ଚାତାପ କରୁଛନ୍ତି । ଭୋଜର
ଶେଷରେ ସେ ସେମାନଙ୍କୁ ଚୋରମାନେ
ବୋଲି କହିଲେ । ଦୋଷି ମୋଠାରେ ଦାସ
ହୋଇ ରହିବା ତୁମ୍ଭମାନଙ୍କର ଦଣ୍ଡ ଅଟେ,
ଯୋଶେଫ୍ ସେମାନଙ୍କୁ କହିଲେ । ଆମ୍ଭର



ପ୍ରଭୋ, ତାହା ବଦଳରେ ମୋହର ପ୍ରାଣ
ନିଅନ୍ତୁ, ଯିହୁଦା ନିବେଦନ କଲେ ।
ଯୋଶେଫ୍ ଜାଣିଥିଲେ ଯେ, ଯିହୁଦା
ହିଁ ଯୋଶେଫ୍ଙ୍କୁ ବିକ୍ରୟ କରିବା ନିମନ୍ତେ
ଉପଦେଶ ଦେଇଥିଲେ, ସତ୍ୟତାରେ
ସେ ବଦଳି ଯାଇଥିଲେ ।



ନିଜର ଭାଇ ଓ ପରିବାର ପ୍ରତି
ନିଜର ପ୍ରେମ ଲୁଚାଇ ନପାରି,
ଯୋଶେଫ୍ ସମସ୍ତ ମିଶ୍ରୀୟ
ମାନଙ୍କୁ ବାହାରି ଯିବାକୁ
ଆଦେଶ ଦେଲେ । ତା ପରେ



ସେ ରୋଦନ କରିବାକୁ
ଲାଗିଲେ । ମୁଁ ଯୋଶେଫ୍
ତୁମ୍ଭମାନଙ୍କର ଭାଇ,
ଯାହାକୁ ତୁମ୍ଭେମାନେ
ମିଶ୍ରୀୟ ମାନଙ୍କୁ ବିକ୍ରୟ
କରିଦେଇଥିଲ ।
ଉଦବିଗ୍ନ ଓ ଭୟରେ
ସେମାନେ କିଛି ଉତ୍ତର
ଦେଇ ପାରିଲେ ନାହିଁ ।



ଯୋଶେଫ୍ ନିଜର ଭାଇମାନଙ୍କୁ ଉତ୍ସାହ ଦେଲେ । ପରମେଶ୍ୱର ମୋତେ ମିଶରର ଅଧିପତି କରିଛନ୍ତି ଯେପରି କି

ମୁଁ ତୁମ୍ଭମାନଙ୍କୁ ଏହି ଦୁର୍ଭୀକ୍ଷରୁ ରକ୍ଷା କରି ପାରିବି । ଯାଅ ମୋହର ପିତାଙ୍କୁ ନେଇଆସ । ମୁଁ ତୁମ୍ଭମାନଙ୍କର ସେବା କରିବି ।



ମିଶର ଦେଶରେ ଯାକୁବ ଏବଂ
ଯୋଶେଫ୍ ପୁଣିଥରେ ଏକତ୍ର ହୋଇଗଲେ
ଓ ସମସ୍ତ ପରିବାର ମିଶି ସେଠାରେ ଶାନ୍ତ
ଓ ସମୃଦ୍ଧିର ଜୀବନ ଯାପନ କଲେ ।

ସଦାପ୍ରଭୁ ପରମେଶ୍ୱର ଯୋଶେଫଙ୍କ, ଏକ କ୍ରୀତଦାସକୁ ଉପରକୁ ଉଠାଇଲେ ।

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କାହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଆଦିପୁସ୍ତକ ୩୯-୪୫

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ
ସୃଷ୍ଟି କରିଅଛନ୍ତି ଏବଂ ସେହି ଇଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ ଇଶ୍ୱର କହନ୍ତି ପାପ ।
ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଇଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ,
ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ
ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ
ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ
କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ
ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ
କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ
କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ
ନୁତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି ।
ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ
କଥୋପକଥନ ହୁଅନ୍ତୁ । ଯୋହନ ୩:୧୬